## ଲକ୍ଷାଧିକ ଟଙ୍କାର ଧାନ ଜଳିଗଲା

କେନ୍ଦୁଝର,(ସ୍ୱ.ପ୍ର.)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ତେନ୍ତୁଳାପଶି ପଞ୍ଚାୟତର ଏକ ନମ୍ବର ୱାର୍ଡରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ବେହେରାଙ୍କ ଧାନ ଖଳାରେ ଗୁରୁବାର ସକାଳେ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଧାନ ପୋଡି ପାଉଁଶ ହୋଇଯାଇଛି। ନିଆଁ ଲିଭାଇବାକୁ ଗ୍ରାମବାସୀ ଓ ପରିବାର ଲୋକ ଉଦ୍ୟମ କରିଥିବାବେଳେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଉକ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଗୋଷ୍ଠୀକେନ୍ଦ୍ର ଜବରଦଖଲକୁ ନେଇ ଉତ୍ତେଜନା

ପଦ୍ମପୁର,୧୦।୧୨(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ଗୋଷ୍ଠୀକେନ୍ଦ୍ର କେତେଜଣ ଅସାଧୁ ବ୍ୟକ୍ତିଙ୍କ ପ୍ରରୋଚନାରେ ବର୍ଷ ବର୍ଷ ଧରି ଜବରଦଖଲରେ ରହିଛି। ଏବେ ଏହି ଗୃହ ଯୁବ ବାହିନୀ ଅକ୍ତିଆରରେ ଥିବା ଅଭିଯୋଗ ହୋଇଛି। ବୁଧବାର ଏହାକୁ ନେଇ ସ୍ଥାନୀୟ ଯୁବକ ଓ ଯୁବ ବାହିନୀର ସଦସ୍ୟମାନଙ୍କ ମଧ୍ୟରେ ଯୁକ୍ତିତର୍କ ସହ ଠେଲାପେଲା ହୋଇଥିଲା। ଚେୟାର ଭଙ୍ଗାରୁଜା ସହ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷରୁ କଛିଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି।

### ଚୋରାକାଠ ଜବତ

ଆନନ୍ଦପୁର,୧୦। ୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ପୋଲିସ ଓ ବନବିଭାଗ ଦ୍ୱାରା ଗୁରବାର ସକାଳ ସମୟରେ ମିଳିତ ଚଢାଉ କରାଯାଇ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଳ କାଠ ଜବତ ହୋଇଛି। ଘସିପୁରା ପୋଲିସ ଓ ଦେଓଗାଁ ବନବିଭାଗ ଏହି ଚଢାଉରେ ସାମିଲ ଥିଲେ। ଚଢାଉରେ କାଠ ଜବତ ହୋଇଥିବାବେଳେ କୌଣସି ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି। ଆନନ୍ଦପୁର ଡିଏଫଓ ଅଜିତ କୁମାର ଶତପଥିଙ୍କ ନିର୍ଦ୍ଦେଶରେ ପୋଲିସ ଓ ବନ ବିଭାଗର ଏକ ବଡ ଟିମ୍ ଘସିପୁରା ଥାନା ଅନ୍ତର୍ଗତ ଚମ୍ପାପାଳ ଗ୍ରାମର ବିଭିନ୍ନ ସ୍ଥାନରୁ ୧୪୦ ସିଫ୍ଟ ଚୋରା କାଠ ଜବତ କରିଥିଲା।

### ଓଡ଼ିଶା ଜେଲ ପ୍ରତିଷ୍ଠା ଦିବସ

କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.): କେନ୍ଦୁଝର ଜେଲ ପରିସରରେ ଓଡିଶା ଜେଲ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ଗରିବ ସାହୁ, ଜେଲର ଅମୀୟ କୁମାର ବେହେରା ଓ ବୁଲୁ ମାରିଆ, ଜେଲ ମଙ୍ଗଳ ଅଧିକାରୀ ପୂଜା ନାଏକ, ଆସିଷ୍ଟାଣ୍ଟ ଜେଲର ଏମ୍ କୁଜୁରୁ ଉପସ୍ଥିତ ରହି ଦିବସ ପାଳନ ସମ୍ପର୍କରେ କହିଥିଲେ। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯୋଗ ଓ ପ୍ରାଣାୟମ ଆଦି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେଲ କ୍ୟାଣ୍ଟିନ୍‌ର ପୁନରୁଦ୍ଧାର କରାଯାଇଥିଲା।

### 'ମାନବ ଅଧିକାର ଦିବସ' ଲାଗି ସଚେତନତା

କେନ୍ଦୁଝର, ୧୦।୧୨(ଡି.ଏନ୍.ଏ.): 'ମାନବ ଅଧିକାର ଦିବସ' ଉପଲକ୍ଷେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦୁଝର ଜିଲାର ତଲକ ହଟିଂ, ଜୋରିବାର, ବିଛାକୁଣ୍ଡି ଏବଂ ଖଣ୍ଡବନ୍ଧଠାରେ ୪ଟି ସଚେତନତା ଅଧିବେଶନ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ 'ଉନ୍ନତ ପୁନରୁଦ୍ଧାର-ମାନବ ଅଧିକାର ସମର୍ଥନରେ ଠିଆ ହେବା' ନାମକ ବିଷୟବସ୍ତୁ ଉପରେ ଜୋରିବାର, ତଲକ ହଟିଂ, ବିଛାକୁଣ୍ଡି ଓ ଖଣ୍ଡବନ୍ଧଠାରେ ଆୟୋଜିତ ହୋଇଥିବା ସଚେତନତା ଅଧିବେସନରେ ଯୁବକ ଯୁବତୀ, ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ମିଶାଇ ୫୦ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ମାନବ ଅଧିକାର ଉଲ୍ଲଙ୍ଘନକୁ ନିୟନ୍ତ୍ରଣ କରିବାରେ ସଚେତନତା କାର୍ଯ୍ୟକ୍ରମର ଏକ ପ୍ରମୁଖ ଭୂମିକା ରହିଛି। ଏହି ଅଧିବେଶନରେ 'ସମ୍ବିଧାନଗତ ଅଧିକାର' ଉପରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଦୁର୍ଘଟଣାରେ ସାହିତ୍ୟିକଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୧୦।୧୨(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ୧୬ ନଂ. ଜାତୀୟ ରାଜପଥରେ ଗୁରୁବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ଦାସ (୭୦) ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମୃତ ଦାସଙ୍କ ଘର ଦକ୍ଷିଣବାଡ଼ ଗ୍ରାମରେ। ସେ ସମବାୟ ବ୍ୟାଙ୍କ ନିକଟରେ ସାଇକେଲ ଧରି ଠିଆ ହୋଇଥିବା ବେଳେ ଭଦ୍ରକ ପଟୁ ଏକ କଣ୍ଟେନର ଦ୍ରୁତଗତିରେ ଆସି ଧକ୍କା ଦେଇ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ରାଜପଥର ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏନେଇ ମୃତ ଦାସଙ୍କ ପୁଅ ପ୍ରିୟତମଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୫୭/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ସେପଟେ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରାଯାଇଥିବା ବେଳେ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି।

# ଧାନ ବିକ୍ରି ନେଇ ଅନିଶ୍ଚିତତା

**ଟୋକନରୁ ବଞ୍ଚିତ ୫୩୭ଚାଷୀ**

କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ବ୍ଲକର ଖାଲିଆମେଣ୍ଟା ସମବାୟ ସମିତି ଅଧୀନରେ ଧାନ ବିକ୍ରି ଲାଗି ଟୋକନ ପାଇଁ ଆବେଦନ କରିଥିବା ୫୩୭ ଜଣ ଚାଷୀ ଟୋକନ ପାଇବାରୁ ବଞ୍ଚିତ ରହିଛନ୍ତି । ଯେହେତୁ ସେମାନଙ୍କ ସମସ୍ତ ପଞ୍ଜୀକୃତ ଜମିର ଯାଞ୍ଚ ହୋଇ ପାରିନାହିଁ ଏଣୁ ଧାନ ବିକ୍ରି ପାଇଁ ଟୋକନ ମିଳିପାରିନାହିଁ। ଜିଲା ପ୍ରଶାସନ ନିକଟରୁ ଯାଞ୍ଚ କରିବା ପାଇଁ ମେସେଜ ପାଇବା ପରେ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡିଯାଇଛି। ଧାନ ଅମଳ କରି ବସ୍ତାରେ ପ୍ୟାକିଂ କରି ଟୋକନ ଅପେକ୍ଷାରେ ଏହି ଚାଷୀ ମାନେ ଚିନ୍ତାରେ ରହିଛନ୍ତି।

ଗତ ଅଗଷ୍ଟ ମାସରେ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଏଭଳି ମେସେଜ ଧାନ କିଣା ସମୟରେ ଅର୍ଥାତ ଡିସେମ୍ବର ମାସରେ ମିଳିବା ସେମାନଙ୍କ ଚିନ୍ତା ବଢାଇଦେଇଥିବା କହିଛନ୍ତି। ଉକ୍ତ ଅଞ୍ଚଳର ଅଣଜଳସେଚିତ ଜମିକୁ ଉଠାଜଳସେଚନ ପଏଣ୍ଟ ଥିବା ଦର୍ଶାଯାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ଜିଲା ଯୋଗାଣ ବିଭାଗ, ସମବାୟ ଓ ଉଠା ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ଚାଷୀଙ୍କ କହିବାନୁଯାୟୀ ସେମାନେ ଅଗଷ୍ଟ ମାସରେ ଧାନ ବିକିବା ପାଇଁ ଟୋକନ ବାବଦକୁ ସ୍ଥାନୀୟ ସମବାୟ ସମିତିରେ ଆବେଦନ କରିଥିଲେ। ସେମାନଙ୍କ କେତେ ପରିମାଣ ଜଳସେଚିତ ଓ ଅଣଜଳସେଚିତ ଜମି ରହିଛି ତାହାର ସୂଚନା ଦେଇଥିଲେ। ତେବେ ଅଣଜଳସେଚିତ ଜମି ଗୁଡିକ ସବୁ ଉଠାଜଳସେଚନ ପଏଣ୍ଟ ଥିବା ଅର୍ଥାତ ଜଳସେଚିତ ଜମି ଭୂଲ କ୍ରମେ ଦର୍ଶାଯାଇଥିବା ଅଭିଯୋଗ ହେଉଛି । ଫଳରେ ନିୟମାନୁଯାୟୀ ଉଠା ଜଳସେଚନ ପଏଣ୍ଟ ଥିଲେ ଉଠାଜଳସେଚନ ବିଭାଗ ପକ୍ଷରୁ ଯାଞ୍ଚ କରି ରିପୋର୍ଟ ଦାଖଲ ହେବା ପରେ ଆକଳନ କରି ଧାନ ଟୋକନ ମିଳିଥାଏ। ଏଣୁ ଉଠାଜଳସେଚନ ବିଭାଗ ପକ୍ଷରୁ ଯାଞ୍ଚ ରିପୋର୍ଟ ପେଣ୍ଡିଂ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କେନ୍ଦୁଝର, ସମବାୟ ସମିତି ଉପନିବନ୍ଧକ ପ୍ରମୋଦ ବରିହା କହିଛନ୍ତି। ଏନେଇ ଯୋଗାଣ ବିଭାଗ ଆନନ୍ଦପୁର ଉଠାଜଳସେଚନ ବିଭାଗକୁ ଜଣାଇ ତୁରନ୍ତ ରିପୋର୍ଟ ଦେବାକୁ କହିଥିବା ସେ ସୂଚନା ଦେଇଛନ୍ତି। ତେବେ କର୍ମଚାରୀ ଅଭାବରୁ ଉଠା ଜଳସେଚନ ବିଭାଗ ପକ୍ଷରୁ ଯାଞ୍ଚ କରି ରିପୋର୍ଟ ଦେବାରେ ବିଳମ୍ବ ଘଟୁଥିବା ଜଣାପଡିଛି। ଫଳରେ ଟୋକନ କେବେ ପାଇବେ ଏବଂ ଆଉ କେତେ ଦିନ ଧାନକୁ ସାଇତି ରଖିବେ ସେ ନେଇ ଚାଷୀ ମାନେ ଚିନ୍ତାରେ ରହିଛନ୍ତି। ତେବେ ଟୋକନ ଦେବାରେ ବିଳମ୍ବ ଘଟିଲେ ବାଧ ହୋଇ ଚାଷୀ ମାନେ କମ ଦାମରେ ବେପାରୀଙ୍କୁ ବିକିବାକୁ ବାଧ ହେବେ ବୋଲି କହିଛନ୍ତି।

# ଅଶୁକୀ ଜଙ୍ଗଲରେ ୨୨ହାତୀ



ଜଙ୍ଗଲରେ ଚଳପ୍ରଚଳ କରୁଥିବା ହାତୀପଲ।

**୫ ଘର ଭାଙ୍ଗିଲେ, ଫସଲ ଉଜାଡ଼ିଲେ**

ଝୁମ୍ପୁରା, ୧୦।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ବାଲିବନ୍ଧ ଫରେଷ୍ଟ, ଲକ୍ଷ୍ମୀପଶି ବିଟ ଅନ୍ତର୍ଗତ ଅଶୁକୀ ଜଙ୍ଗଲରେ ଦୁଇ ଦିନ ହେବ ମୟୂରଭଞ୍ଜ ଅଞ୍ଚଳରୁ ଚାଲି ଆସିଥିବା ୨୨ଟିକିଆ ହାତୀପଲ ରହୁଛନ୍ତି। ଅଶୁକୀ ଜଙ୍ଗଲ ପାର୍ଶ୍ୱରେ ଅରଡେଇ ନଦୀ ବୋହି ଯାଉଥିବା ବେଳେ, ଖାଦ୍ୟ ଓ ପାନୀୟ ମିଳି ଯାଉଥିବାରୁ ହାତୀ ପଲ ଯାଇପାରୁ ନାହାନ୍ତି ବୋଲି ବନ ବିଭାଗ ସୂତ୍ରରୁ ଜଣା ପଡିଛି। ଏହି ୨୨ ଟିକିଆ ହାତୀ ପଲରେ ୫ଟି ଛୁଆ ହାତୀ ରହିଥିବା ଫରେଷ୍ଟର ଖଗେଶ୍ୱର ବାରିକ ସୂଚନା ଦେଇଛନ୍ତି। ୨ଦିନରେ ହାତୀ ପଲ ଏହି ଜଙ୍ଗଲ ପାଖ ବଳଭଦ୍ରପୁରରେ ୪ଟି ଘର ଭାଙ୍ଗିଥିବା ବେଳେ, ନଦୀକୂଳରେ ଥିବା ଗ୍ରାମବାସୀଙ୍କର ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜାଡି ଦେଇଛନ୍ତି। ସେହିପରି ନିକଟସ୍ଥ ପାର୍ବତୀପୁରରେ ଦାଶରଥି ମୁଣ୍ଡାଙ୍କର ଘର ମଧ୍ୟ ଭାଙ୍ଗି ଦେଇଛନ୍ତି। ବଳଭଦ୍ରପୁରରେ ଘର ଭାଙ୍ଗିବା ନେଇ କ୍ଷତିଗ୍ରସ୍ତ ଖଗେଶ୍ୱର ତନ୍ତୀ, ଲକ୍ଷ୍ମୀଧର ମାଝୀ, ଗଣେଶ ମାଝୀ, ଜିତୁ ମାଝୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ପାର୍ଶ୍ୱରେ ଗ୍ରାମବାସୀଙ୍କର ଗହଳି ଲାଗିଥିବାରୁ ଓ ପାଟିତୁଣ୍ଡ କରୁଥିବାରୁ ଜଙ୍ଗଲ ଭିତରେ ହାତୀପଲ ଏଣେତେଣେ ବୁଲୁଥିବା ଦେଖାଯାଇଛି। ଜଙ୍ଗଲ ବିଭାଗର କର୍ମଚାରୀମାନେ ହାତୀପଲଙ୍କୁ ଜଗି ରହିଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ବାରିପଦା ଅଫିସ,୧୦।୧୨

୧୨ଦଫା ଦାବି ନେଇ ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ସୁଦର୍ଶନ ଦାସ ଯୋଗଦେଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ କୃଷି ଓ କୃଷକ ବିଲ୍‌କୁ ବିରୋଧ କରିବା ସହ ଧାନବିକ୍ରି ପାଇଁ ତୁରନ୍ତ ମଣ୍ଡି ଖୋଲିବା, ଲଘୁ ଖଣିଜ ଦ୍ରବ୍ୟର ଲୁଟ୍‌କୁ ରୋକିବା, କୋଭିଡ୍-୧୯ ପରିଚାଳନା ବାବଦରେ ଖର୍ଚ୍ଚ ହୋଇଥିବା ଅର୍ଥର ଭିଜିଲାନ୍ସ ତଦନ୍ତ କରାଯିବା, ସୁବର୍ଣ୍ଣରେଖା ଓ ଦେଓ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ଜିଲାରେ ବନ୍ଦ ହେବାକୁ ଥିବା ସ୍କୁଲ, ହୋମିଓପ୍ୟାଥିକ, ଆୟୁର୍ବେଦିକ ଓ ବିଏଡ୍ କଲେଜକୁ ଚାଲୁ ରଖିବା, ଡିଷ୍ଟ୍ରିକ୍ଟ ମିନେରାଲ୍ ଫଣ୍ଡ (ଡିଏମ୍ଏଫ୍)ରେ ନିୟୋଜିତ ହୋଇଥିବା ତଥ୍ୟକୁ ଲୋକଲୋଚନକୁ ଆଣିବା, ସୂତାକଳ ଓ ନିକୋ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବସୁନ୍ଧରା ଯୋଜନାରେ ଉପେକ୍ଷିତ ହୋଇଥିବା ହିତାଧିକାରୀଙ୍କୁ ସାମିଲ କରିବା, ବୁଢ଼ାବଳଙ୍ଗ ନଦୀର ଆଡ଼ିବନ୍ଧ ନିର୍ମାଣ କରିବା, ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ସହିତ ବିକାଶ କରିବା, ଜିଲାର ବିଭିନ୍ନ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର ଓ କର୍ମଚାରୀଙ୍କ ପଦବୀ ପୂରଣ ଏବଂ ଆବଶ୍ୟକ ଯନ୍ତ୍ରପାତି ସହ ଔଷଧ ଯୋଗାଇବା ଆଦି ଦାବି ଉପସ୍ଥାପନ କରାଯାଇଛି। ଖୁବଶୀଘ୍ର ଉପରୋକ୍ତ ଦାବିଗୁଡ଼ିକର ସମାଧାନ କରା ନ ଗଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ସଭାପତି ହେମନ୍ତ ଦାସ, ପୂର୍ବତନ ଏମ୍ପି ତଥା ଏଆଇସିସି ସଦସ୍ୟା ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଭୁବନ ସାହୁ, ନୀରୋଜ ଲୋଚନ ଦାସ, ବିଜନ ଦାସ, ଯୋଗେଶ ଅଗ୍ରୱାଲ, ଅଶୋକ ଅଧିକାରୀ, ସୁସ୍ମିତା ଘୋଷାଲ, ଶାନ୍ତନୁ ପାଲ, ଏସ.କେ. ମୁସ୍ତାଫା ଓ ପ୍ରଦୀପ ଦାସଙ୍କ ସମେତ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ଭଦ୍ରକ ଅଫିସ, ୧୦।୧୨

ଭଦ୍ରକର ଏକ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜିଲା ପୋଲିସ କାର୍ଯ୍ୟାଳୟ ନିକଟରେ ଥିବା ଏକ ନର୍ସିଂହୋମ୍‌ରେ ତିହିଡ଼ି ଥାନା କୋହ୍ଲ ଅଞ୍ଚଳର ଅର୍ଚ୍ଚନା ନାୟକ ନାମ୍ନୀ ଜଣେ ଗର୍ଭବତୀଙ୍କୁ ଗତ ମଙ୍ଗଳବାର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପରେ ସେ ପ୍ରସବଜନିତ କଷ୍ଟ ଅନୁଭବ କରିଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା ଯୋଗୁ ଅର୍ଚ୍ଚନାଙ୍କ ଜୀବନ ଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଗୁରୁବାର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ନବଜାତ ଶିଶୁକନ୍ୟା ସୁସ୍ଥ ଅଛନ୍ତି।

## ଖେଳପଡ଼ିଆ ଉନ୍ନତୀକରଣ ଲାଗି ୨.୫ଲକ୍ଷ ଦେଲେ ମନ୍ତ୍ରୀ



ମନ୍ତ୍ରୀଙ୍କ ନିକଟରୁ ସଦସ୍ୟମାନେ ମଞ୍ଜୁରୀପତ୍ର ଗ୍ରହଣ କରୁଛନ୍ତି।

ଖଇରା, ୧୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମର ମା' ବାମକାଳୀ କ୍ରିକେଟ କମିଟି ତରଫରୁ ପ୍ରତ୍ୟେକ ବର୍ଷ ସ୍ଥାନୀୟ ଖେଳ ପଡିଆରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ । ଅବହେଳିତ ହୋଇପଡିଥିବା ଉକ୍ତ ପଡିଆରେ ଉନ୍ନତି ପାଇଁ ଟୁର୍ନାମେଣ୍ଟ କମିଟିର ସଦସ୍ୟମାନେ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ମୁତାବକ ପଡିଆର ଉନ୍ନତିପାଇଁକମିଟିକୁ୨.୫ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ମଙ୍ଗଳବାର କମିଟି ସଭାପତି ତୃପ୍ତିକାନ୍ତ ନାୟକ, ସମ୍ପାଦକ ଶିଶିର କୁମାର ନାୟକ,ବଳରାମ ଲେଙ୍କାଙ୍କ ସମେତ ବହୁ ସଦସ୍ୟ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ମଞ୍ଜୁରୀପତ୍ର ଗ୍ରହଣ କରିବା ସହ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଇରମ ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

ପଦ୍ମପୁର, ୧୦।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଇରମ ସେବା ସମବାୟ ସମିତିରେ ଦୁର୍ନୀତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ ସମୟରେ ଚଞ୍ଚକତା କରି ସେମାନଙ୍କ ନାମରେ ଋଣ ସମ୍ବନ୍ଧୀୟ କାଗଜପତ୍ରରେ ଦସ୍ତଖତ କରାଇ ଋଣ ଉଠାଇ ଆତ୍ମସାତ୍ କରାଯାଇଛି। ସେମାନଙ୍କୁ ଋଣ ପରିଶୋଧ ରସିଦ୍, ବୀମା, ଟଙ୍କା, ଜମା ରସିଦ୍ ଓ ଅଂଶଧନ ସମ୍ବନ୍ଧୀୟ କୌଣସି କାଗଜପତ୍ର ଦିଆଯାଇ ନାହିଁ। ସମିତିରେ ବେଆଇନ କର୍ମଚାରୀ ନିଯୁକ୍ତି, ସମିତିର ଘରଭଡ଼ା ବାବଦ ଅର୍ଥ ଆତ୍ମସାତ୍ କରିବା, ଅନଲାଇନରେ ଚାଷୀମାନଙ୍କ ନାମ ପଞ୍ଜୀକରଣରେ ଅନିୟମିତତା ସହ ସମିତିର ନଥିପତ୍ରରେ ବ୍ୟାପକ ଜାଲିଆତି ହୋଇଛି।

୨୦୧୮-୧୯ ଆର୍ଥିକ ବର୍ଷରେ ୩୦ ଲକ୍ଷ ୯୭ ହଜାର ୮୨୧ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ବାସୁଦେବପୁର କୋ-ଅପରେଟିଭ୍ ବ୍ୟାଙ୍କ ଶାଖା ପରିଚାଳକ ଜନସାଧାରଣଙ୍କ ଅର୍ଥ ହେର୍‌ଫେର୍ ନେଇ ଏଆର୍‌ସିଏସ୍‌ଙ୍କୁ ଚିଠି ନଂ. ୨୧୬୮/୨୦ ଲେଖିଥିଲେ। ହେଲେ ତାହା ଏଯାଏ ଫାଇଲରେ ସୀମିତ ରହିଛି। ଏହି ଘଟଣାକୁ ନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରିଥିବା ବେଳେ ସମ୍ପୃକ୍ତ ଅଧିକାରୀ ଜାମିନରେ ଆସି ପୁଣି ଆର୍ଥିକ ଅନିୟମିତତାରେ ଜଡ଼ିତ ଅଛନ୍ତି। ଇରମ, ନୂଆଗାଁ ଓ ଅଡୁଆଁ ପଞ୍ଚାୟତର ଚାଷୀମାନେ ଜିଲାପାଳ, ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ, ନିବନ୍ଧକ ସମବାୟ ସମିତି ସମୂହ, ଭୁବନେଶ୍ୱର ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଏଆର୍‌ସିଏସ୍ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରୁ ହେର୍‌ଫେର୍ ଅର୍ଥ ଆଦାୟ କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଭଗାମୁଣ୍ଡା ହାଟ ନିକଟରୁ ନରଣପୁର-ଡୁବୁରୀ ରାସ୍ତାରେ ପଡିଥିବା ଏକ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକ ଖବର ଦେବା ପରେ ହରିଚନ୍ଦନପୁର ପୋଲିସ ପହଞ୍ଚି ଉଦ୍ଧାର କରି ତଦନ୍ତ କରୁଛି। ବହୁ ସଂଖ୍ୟାରେ କଟକଣା ସତ୍ତ୍ୱେ ଲୁହାପଥର ବୋଝେଇ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟି ଉକ୍ତ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି କିମ୍ବା ଗାଡିରୁ ପଡି ମରିଥିବା ଆଶଙ୍କା କରାଯାଉଛି। ଉକ୍ତ ଲୋକଙ୍କ ପରିଚୟ ମିଳୁ ନ ଥିବାରୁ ବାହାରୁ ଆଣି କେହି ଫିଙ୍ଗିଥିବା କେତେକ ସନ୍ଦେହ କରୁଛନ୍ତି । ତେବେ ତଦନ୍ତ ପରେ ଏବଂ ପରିଚୟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି ।

## ୧୬ଶ୍ରମିକ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ

**କାମକରି ମିଳିନି ମଜୁରି**

ପାଟଣା,୧୦।୧୨(ସ୍ୱ ପ୍ର.)

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଓ ପାଟଣା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଫେଲ୍ ମାରିଛି। ସୂଚନାଯୋଗ୍ୟ ଯେ ସାହାରପଡା ବ୍ଲକ ତେଣ୍ଡେରା ପଞ୍ଚାୟତ ହରିପୁର ଗ୍ରାମରେ ବର୍ଷ ୨୦-୨୧ରେ ଉକ୍ତ କର୍ମନିଯୁକ୍ତି ଯୋଜନାରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ତରଫରୁ ୧୩ ହେକ୍ଟର ପରିମିତ ଜମିରେ ୨୩,୭୦,୬୧୫ ଟଙ୍କା ବ୍ୟୟରେ କାଜୁ ପ୍ଲାଣ୍ଟେଶନ ହୋଇଥିଲା। ଏହି ଯୋଜନାରେ ୧୬ଜଣ ଶ୍ରମିକ ଜୁନ ମାସରୁ କାମ କରି ଏପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ପାଇ ନାହାନ୍ତି। ଏନେଇ ଅକ୍ଟୋବର ୧୯ ତାରିଖରେ ସେମାନେ ଜିଲା ଶ୍ରମଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗତ ବୁଧବାର ଜିଲା ଶ୍ରମ ଆୟୋଗ କାର୍ଯ୍ୟାଳୟରେ ଆଞ୍ଚଳିକ ଶ୍ରମ ନିରୀକ୍ଷକ ଉଭୟ ପକ୍ଷଙ୍କୁ ଡାକି ଘଟଣାଟିର ତଦନ୍ତ ଆରମ୍ଭ କରିଛନ୍ତି।

## ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

କେନ୍ଦୁଝର, ୧୦।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଁରାସ୍ଥିତ ଶ୍ରୀ ମେଟାଲିକ୍ସ ଲିଃ କାରଖାନା ପରିସରରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରଖାନା ପରିସରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପ୍ଲାଣ୍ଟ ହେଡ ସରୋଜ ବିଶ୍ୱାଳ ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ ଦ୍ୱାରା ପ୍ରକୃତିର ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ବର୍ତ୍ତମାନ ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ଚିନ୍ତାର କାରଣ ହୋଇଛି। ମାନବ ସମାଜର ସମୃଦ୍ଧି ପାଇଁ ସୁସ୍ଥ ପରିବେଶ ନିହାତି ଆବଶ୍ୟକ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସଭାପତି (ଟେକନିକାଲ) ବିଏନ୍ ପ୍ରସାଦ, ଜିଏମ ଏଚ୍‌ଆର(ପ୍ରଶାସନ) ଶିଶିର କୁମାର ରାଉତ, ସିନିୟର ମ୍ୟାନେଜର(ଷ୍ଟୋର ଆଣ୍ଡ ପରଚେଜ) ସୁଶିଲ କୁମାର ଭୂୟାଁ, ଏଜିଏମ( ଗ୍ରାଇଡିଙ୍ଗ) ଅବନୀ କୁମାର ବିଶ୍ୱାଳ, ସିନିୟର ମ୍ୟାନେଜର ଲଜିଷ୍ଟିକ ବିନୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପାନୀ ପରିସରରେ ୪୦୦ କଲମୀ ଆମ୍ବ ଗଛ ବୃକ୍ଷରୋପଣ କରାଯାଇଛି।




ଅତିଥିମାନେ ଚାରାରୋପଣ କରୁଛନ୍ତି।

# ଡେପୁଟେଶନରେ ଆସିଲେ ଡାକ୍ତର

**ସନ୍ତୋଷପୁର ସ୍ୱାସ୍ଥ୍ୟକେନ୍ଦ୍ର**

- ୫ଘଣ୍ଟା ପରେ ଅନଶନ ପ୍ରତ୍ୟାହୃତ
- ସପ୍ତାହକୁ ୩ଦିନ ପ୍ରତିଶ୍ରୁତି

ରୂପସା,୧୦।୧୨(ଡି.ଏନ.ଏ.)




ଅନଶନରେ ବସିଥିବା ସଙ୍ଗଠନର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ବର୍ଷ ହେଲା ଡାକ୍ତର ନ ଥିବା ପ୍ରତିବାଦରେ ବେଣାପୁରା ଜୀବନସାଥୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଗୁରୁବାର ଆମରଣ ଅନଶନ କରାଯାଇଥିଲା। ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବବ୍ରତ ଜେନା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅରବିନ୍ଦ ଦିନ୍ଦା, ଡା. ମଧୁସ୍ମିତା ପଲେଇ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚିଠି (ନଂ. ୧୮୮୫୩/୭.୧୨.୨୦) ମୁତାବକ ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା. ମନୋଜ କୁମାର ସାହୁ ଓ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ମଧୁସ୍ମିତା ପଲେଇଙ୍କୁ ସପ୍ତାହରେ ୩ଦିନ ଡେପୁଟେଶନରେ ଯୋଗଦେବା ପାଇଁ ନିର୍ଦ୍ଦେଶ ହୋଇଥିବା ଦର୍ଶାଇଥିଲେ। ଏଥିସହ ଡା. ପଲେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇ ରୋଗୀସେବା କରିବା ପରେ ଦିନ ଅପରାହ୍ନ ୧ଟାରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ସଙ୍ଗଠନ କର୍ମକର୍ତ୍ତାମାନେ ମେଡ଼ିକାଲ ଅଫିସର ଡା. ଜେନାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପାଥୋଲାବ ଟେକ୍ନିସିଆନ୍, ଷ୍ଟାଫନର୍ସ ଓ କର୍ମଚାରୀ ସମେତ କ୍ୱାର୍ଟର୍ସରେ ନିୟମିତ ଡାକ୍ତର ରହିବା ପାଇଁ ଦାବି ଜଣାଇଥିଲେ। ଅନଶନରେ ସଙ୍ଗଠନ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ଇଂ. ଦିପ୍ତୀମାନ ପତି, କର୍ମକର୍ତ୍ତା ସନ୍ୟାସୀ ପ୍ରଧାନ, ଗୋବର୍ଦ୍ଧନ ଜେନା, ଜ୍ଞାନରଞ୍ଜନ ଦାସ, ଅଜିତ ଦାସମହାପାତ୍ର, ରଞ୍ଜନ ଜେନା, ଜଗନ୍ନାଥ ବେହେରା, ରବୀନ୍ଦ୍ର ସାମନ୍ତରାୟ, ବିକର୍ତ୍ତନ କବି ପ୍ରମୁଖ ସାମିଲ ହୋଇଥିଲେ।

# ମେଡିକାଲ କଲେଜ ପାଇଁ ୧୨ଘଣ୍ଟା ବନ୍ଦ

ଭଦ୍ରକ ଅଫିସ, ୧୦।୧୨

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ୨ ବର୍ଷ ଧରି ଆନ୍ଦୋଳନ ଚାଲୁ ରହିଛି। ଗୁରୁବାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଦାବି ନେଇ ଜିଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟା ଭଦ୍ରକ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଜିଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ନେତୃବର୍ଗ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଭଦ୍ରକ ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଲାଗି ଦାବି କରାଯାଇଥିଲା। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ, କରୋନା ଆଳରେ ଅନ୍ୟ ରୋଗୀଙ୍କୁ ଡାକ୍ତର ଚିକିତ୍ସା ନ କରି ଫେରାଇ ଦେବା,



କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

ସାଧାରଣ ରୋଗୀଙ୍କୁ କଟକ ସ୍ଥାନାନ୍ତର କରିବା, ଚିକିତ୍ସାଳୟରେ ଆବଶ୍ୟକଠାରୁ କମ୍ ଡାକ୍ତର ରହିବା, ଡାକ୍ତର ନିଯୁକ୍ତିରେ ସରକାର ଓ ଶାସକ ଦଳର ନେତା ବିଫଳ ହେବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଭେଣ୍ଟିଲେଟର କାର୍ଯ୍ୟକ୍ଷମ ନ ହେବା, କୋଭିଡ୍ ପରିଚାଳନାରେ ପ୍ରଶାସନ ବିଫଳ ହେବା, ଶାସକ ଓ ପ୍ରଶାସକ ମିଳିତ ଭାବେ କୋଟି କୋଟି ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। କୋଭିଡ୍ ପରିଚାଳନାରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ସେ ସମ୍ପର୍କରେ ଶ୍ୱେତପତ୍ର ମାଧ୍ୟମରେ ଜିଲାବାସୀଙ୍କୁ ଜଣାଇବା ପାଇଁ ଦାବି କରାଯାଇଛି।

ଅପରାହ୍ନରେ ଜିଲା କଂଗ୍ରେସ ସଭାପତିଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ନଳିନୀକାନ୍ତ ମହାନ୍ତି, ଅଶୋକ ଦାସ, ଅଭିଷେକ ରାଉତ, ବିଦ୍ୟାଧର ଜେନା, ଦିଗମ୍ବର ଦାସ, ପଫୁଲ୍ଲ ସାମଲ, ପୀତାମ୍ବର ଜେନା, ହେମନ୍ତ ମହାପାତ୍ର, ଦିଲୀପ ନାୟକ, ରାଜକିଶୋର ସ୍ୱାଇଁ, ବାବ ଚାନ୍ଦ, ଶେକ୍ ଅସୁରତ, ଶେକ୍ ସମଦାନୀ, ଅବଦୁଲ ମୁକିତ ଖାଁ, ପ୍ରଦ୍ୟୁମ୍ନ ଦାସ, ବିଜନ ବାରିକ ପ୍ରମୁଖ ଭଦ୍ରକ ଏମ୍‌ପିଙ୍କ ସମେତ ୪ ବିଧାୟକ ସଂସଦ ଓ ବିଧାନସଭାରେ ମେଡିକାଲ ପ୍ରତିଷ୍ଠା ପାଇଁ ଦାବି ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ପରେ କଂଗ୍ରେସ କର୍ମୀମାନେ ବିରୋଧୀ ନାରା ଦେଇ ଏହି ଜନପ୍ରତିନିଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହିତ ବନ୍ଦ ଡାକରାକୁ ଭଦ୍ରକ ଜନସାଧାରଣ ଆନ୍ତରିକତା ସହ ଗ୍ରହଣ କରି ସଫଳ କରିଥିବା କହି ଜିଲା ସଭାପତି ସାଧୁବାଦ ଜଣାଇଥିଲେ।

# କାନ୍ତକବିଙ୍କ ପ୍ରତିମୂର୍ତ୍ତି ଅନାବରଣ



ଭଦ୍ରକ ଅଫିସ, ୧୦।୧୨

ଭଦ୍ରକ ବାଇପାସ୍ ଛକରେ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ସନ୍ଧ୍ୟାରେ ଏହି ପ୍ରତିମୂର୍ତ୍ତିକୁ ଅନାବରଣ କରିଛନ୍ତି। ଉତ୍ସବରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ବ୍ୟୋମକେଶ ରାୟ, ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୂର୍ବତନ କାଉନସିଲର ପ୍ରବୀର ଜେନା, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ପୌରନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କାନ୍ତକବିଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆଇନଜୀବୀ ଅତିଶ ବେହେରା ଉତ୍ସବରେ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଷ୍ଟୋଭ୍ ନିଆଁରେ ଦମ୍ପତି ଗୁରୁତର

ଠାକୁରମୁଣ୍ଡା,୧୦।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗ୍ରାମ ମନ୍ଦିର ସାହିରେ ଗୁରୁବାର ରୋଷେଇ କରୁଥିବା ବେଳେ ଷ୍ଟୋଭ୍‌ରୁ ନିଆଁ ଲାଗି ଦମ୍ପତି ଗୁରୁତର ହୋଇଛନ୍ତି। ଆହତ ଦମ୍ପତି ହେଲେ ମିଲୁ ମୁଖୀ ଓ ତାଙ୍କ ସ୍ତ୍ରୀ ବନିତା। ଚିକିତ୍ସା ପାଇଁ ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରାତି ୮ଟା ସମୟରେ ବନିତା ଷ୍ଟୋଭ୍‌ରେ ରୋଷେଇ କରୁଥିବା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗି ଯାଇଥିଲା। ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ସ୍ୱାମୀ ମିଲୁ ନିଆଁରେ ପୋଡ଼ି ଯାଇଥିଲେ। ସମ୍ପର୍କୀୟମାନେ ନିଆଁ ଲିଭାଇ ସେମାନଙ୍କୁ ଡାକ୍ତରଖାନା ନେଇଥିଲେ।

### ସାହିତ୍ୟିକ କୁଞ୍ଜବିହାରୀ ଦେଙ୍କ ପରଲୋକ

ଜଳେଶ୍ୱର, ୧୦।୧୨(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟି ୧୬ନଂ. ୱାର୍ଡ଼ ଅଲାଲପୁରର ସମାଜସେବୀ, ସାହିତ୍ୟିକ ତଥା ବାଲେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ କିରାଣି କୁଞ୍ଜବିହାରୀ ଦେ(୭୯) ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ଜଣେ ସାହିତ୍ୟାନୁରାଗୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ଚାକିରୀକାଳ ମଧ୍ୟରେ ସେ ବସ୍ତା, ଜଳେଶ୍ୱର ତହସିଲରେ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ହିସାବରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁତ୍ର ଶକ୍ତି ମାଧବ, ନୀଳମାଧବ, ସ୍ତ୍ରୀ ହୀରାମଣି ଓ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ସହରରେ ଆଲୋକୀକରଣ

ବାରିପଦା ଅଫିସ,୧୦।୧୨: ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକା ପକ୍ଷରୁ ସହରର ପ୍ରମୁଖ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦ୍‌ଘାଟନ କରିଛନ୍ତି। ସହରର ମହାରାଜପୁର ୱାର୍ଡ ନଂ.୨୭ ରାଣିବନ୍ଧରୁ ରଙ୍ଗାମାଟିଆ ଛକ, ରଙ୍ଗାମାଟିଆ ଛକରୁ ଦେବେନ୍ଦ୍ରପୁର ଏବଂ ସତ୍ୟସାଇ ଛକରୁ ଦାରୋଗାଡ଼ାହି ଗୋଲେଇ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ୩ଟି ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ଏଲଇଡି ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଏହି ବ୍ୟବସ୍ଥା ଫଳରେ ସହରବାସୀ ଓ ଜନସାଧାରଣ ଉପକୃତ ହେବେ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ବାରିପଦା ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ପୌର କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ବଢୁଛି କିଡନୀ ରୋଗୀଙ୍କ ସଂଖ୍ୟା

କେନ୍ଦୁଝର, ୧୦।୧୨ (ସ୍ୱ.ପ୍ର.): କେନ୍ଦୁଝର ଜିଲାର ଆନନ୍ଦପୁର ବ୍ଲକ ସୁନ୍ଦୁରିଆ ଗ୍ରାମରେ କିଡନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ରୋଗରେ ଅଦ୍ୟାବଧି ୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଚିକିତ୍ସାଧୀନ ଥିବା ଗ୍ରାମବାସୀ କହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ କାରଣ ଖୋଜୁଛି। ଅର୍ଥାଭାବରୁ ଚିକିତ୍ସା ହେବା ପାଇଁ ଯାଇ ପାରୁ ନ ଥିବାରୁ ବାଧ ହୋଇ ସେମାନଙ୍କ ପାଇଁ ଚେରମୂଳି ଚିକିତ୍ସା ହିଁ ସାହା ହୋଇଛି। ଦୂଷିତ ଜଳ ଏହି ରୋଗର କାରଣ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଏନେଇ ପଦକ୍ଷେପ ନେବାକୁ ନମୋ ସେନା ପକ୍ଷରୁ ପ୍ରତାପ ରାଉତ ଜିଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମରେ ପାଖାପାଖି ୨୫୦ ପରିବାର ବସବାସ କରୁଛନ୍ତି। ଦ୍ରୌପଦୀ ବାରିକ, ଆଶାକର୍ମୀ କହିଛନ୍ତି ଯେ ୨୦୨୦ ମସିହାରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏନେଇ ସିଡିଏମଓ ଡକ୍ଟର ଅଶୋକ ଦାସ କହିଛନ୍ତି ଯେ କିଡନୀ ରୋଗର ପ୍ରକୃତ କାରଣ ଖୋଜାଚାଲିଛି। ଏନେଇ ଡାକ୍ତରୀ ଟିମ ଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏଡିଏମଓ (ପବ୍ଲିକ ହେଲଥ) ଡ. ଲଲାଟେନ୍ଦୁ ନାୟକ କହିଛନ୍ତି ଯେ, ଏହାର କାରଣ ଜଣାପଡୁନାହିଁ। ୨ ଜଣଙ୍କୁ କେନ୍ଦୁଝରେ ଆଣି ଡାଏଲିସିସ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ପାଣି ଓ ଅନ୍ୟାନ୍ୟ ନମୁନା ଯାଞ୍ଚ ପାଇଁ ପଠାଯାଇଛି। ଆସିବା ପରେ ଜଣାପଡିବ।

# ଗଡ଼ିଲା ଚାଷୀ ସଚେତନତା ରଥ



ଜିଲାପାଳ ବିନୀତ ଭରଦ୍ୱାଜ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ବାରିପଦା ଅଫିସ,୧୦।୧୨

ଧାନ ବିକ୍ରୟ ପାଇଁ ସରକାରଙ୍କ ଯୋଜନା, ମଣ୍ଡି ଓ ନିୟମ ସମ୍ପର୍କରେ ଗ୍ରାମାଞ୍ଚଳରେ ଚାଷୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବୁଧବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖରିଫ ଋତୁର ଧାନ ବିକ୍ରୟ ପାଇଁ ସରକାର ସମସ୍ତ ପ୍ରକାର ଯୋଜନା କରିଥିବା ବେଳେ ଗ୍ରାମାଞ୍ଚଳରେ ବହୁ ଚାଷୀ ସଚେତନତାର ଅଭାବରୁ ବହୁ କଥା ଜାଣିପାରି ନ ଥାନ୍ତି। ଏଣୁ ଚାଷୀ ସଚେତନତା ରଥ ଜିଲାର ବିଭିନ୍ନ ବ୍ଲକର ଗ୍ରାମାଞ୍ଚଳରେ ପରିକ୍ରମା କରି ଚାଷୀମାନଙ୍କୁ ସଚେତନ କରାଇବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଉପଜିଲାପାଳ ପି. ଅନ୍ୱେଷା ରେଡ୍ଡି, ବାରିପଦା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ବେତନଟୀ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ମାନବ ଅଧିକାର ଦିବସ

ବାଲେଶ୍ୱର ଅଫିସ, ୧୦।୧୨

ବାଲେଶ୍ୱର ଆମ୍ବେଦକର ବିକାଶ ପରିଷଦ ତରଫରୁ ଫୁଲବଜାର ନିକଟସ୍ଥ ନିକାହ ମହଲରେ ଗୁରୁବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ସମାଜସେବୀ ସଲିମ ରାଜା ସଭାପତିତ୍ୱ କରି ମାନବ ଅଧିକାର, ଭାରତର ସମ୍ବିଧାନ, ଆମ୍ବେଦକରଙ୍କ ଜୀବନୀ ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ।

ଆଇନଜୀବୀ ଲକ୍ଷ୍ମଣ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ମଣିଷର ଅଧିକାର ବିଷୟରେ ଅବଗତ କରାଇଥିଲେ। କବି ଇନିୟାତ ଅଲିଖାଁ, କବି ଅଭୟ ଦାସ, ଆଇନଜୀବୀ ପର୍ଶୁରାମ ପ୍ରଧାନ, ସମାଜସେବୀ ଅବଦୁଲ ଖାଲିବ, ଆଇନଜୀବୀ ସ୍ନେହଲତା ଦାସ, ଇଞ୍ଜିନିୟର ବସନ୍ତ ବେହେରା, ବିଜୟ ପୃଷ୍ଟି, ଜୟନ୍ତ ସେଠୀ, ଅଶୋକ କବି, ଗଗନ ପାତ୍ର, ତପନ କୁମାର ସିଟ୍, ଅବଦୁଲ ମୁକ୍ତାର ଖାନ୍, ପ୍ରଭାକର ବେହେରା, ବରିଷ୍ଠ ଆଇନଜୀବୀ ପଞ୍ଚାନନ ପରିଡ଼ା, ସମାଜସେବୀ ଶେଖ୍ ଆୟୁବ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ

ବସ୍ତା, ୧୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦର ମହକୁମାର କେତେକ ସ୍ଥାନରେ ଥିବା ବିଦ୍ୟୁତ ଖୁଣ୍ଟଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ମରାମତି କିମ୍ବା ପରିବର୍ତ୍ତନ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ତା ବ୍ଲକର ସଦାନନ୍ଦପୁର ଗ୍ରାମର ଗାନ୍ଧିଛକ-ଡାକ୍ତରଖାନା ମୁଖ୍ୟ ରାସ୍ତାର ଚଣ୍ଡୀମନ୍ଦିର ଛକ ନିକଟରେ ବିଦ୍ୟୁତ ଖୁଣ୍ଟର ତଳ ଅଂଶ ନଷ୍ଟ ହୋଇଯାଇଥିଲେ ମଧ୍ୟ ବିଦ୍ୟୁତ ତାର ଟଣାଯାଇଛି। ଏହି ଖୁଣ୍ଟ କେତେବେଳେ ଭୁଶୁଡିପଡିବ ତାହା ଜାଣିବା ମୁସ୍କିଲ। ବିଭାଗୀୟ ଲାଇନମ୍ୟାନ ବିଦ୍ୟୁତ ମରାମତି କରିବା ବେଳେ ମଧ ନିଜ ଜୀବନକୁ ବାଜି ଲଗାଇ ଖୁଣ୍ଟ ଉପରକୁ ଚଢୁଥିବା ଜଣାଯାଇଛି। ଏହାର ଅନତି ଦୂରରେ ଅନ୍ୟ ଏକ ବିଦ୍ୟୁତ ଖୁଣ୍ଟ ମହାବାତ୍ୟା ସମୟରେ ସମ୍ପୂର୍ଣ୍ଣ ବଙ୍କା ହୋଇଯାଇଥିବା ବେଳେ ଦୁଇ ଖୁଣ୍ଟ ମଧ୍ୟରେ ଯାଇଥିବା ତାର ହାତପାହାନ୍ତରେ ଝୁଲୁଥିବା ଦେଖିବାକୁ ମିଳିଛି। କେହି ଯାନବାହନରେ ଏହି ରାସ୍ତା ଦେଇ ଗଲାବେଳେ ମୁଣ୍ଡରେ ବିଦ୍ୟୁତ ତାର ଲାଗିଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ବିଭାଗୀୟ ଯନ୍ତ୍ରୀଙ୍କୁ ଏହାର ମରାମତି ବିଷୟରେ ପଚାରିବାରେ ଖୁବ୍ କମ୍‌ସଂଖ୍ୟକ ବିଦ୍ୟୁତ



ଚଣ୍ଡୀମନ୍ଦିର ଛକରେ ଥିବା ବିଦ୍ୟୁତ ଖୁଣ୍ଟର ତଳଅଂଶ ଖାଇଯାଇଛି।

ଖୁଣ୍ଟ ଆସୁଥିବାରୁ ସବୁ ଖୁଣ୍ଟକୁ ବଦଳାଇବା ସମ୍ଭବ ନୁହେଁ। ତେବେ ସମ୍ପୂର୍ଣ୍ଣ ଅଚଳ ହେଲେ ବଦଳାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଜନସାଧାରଣ ସେହି ବାଟ ଦେଇ ଯିବା ବେଳେ ଭୟଭୀତ ହୋଇ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଗାନ୍ଧୀ ଛକ ଡାକ୍ତରଖାନା ଏବଂ ବସ୍ତା ରେଳଷ୍ଟେଶନକୁ ଯା'ଆସ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ରାସ୍ତା ହୋଇଥିବାରୁ ଏହାର ତୁରନ୍ତ ମରାମତି ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ପରିବହନ ଅଧିକାରୀ, ଖବରଦାତାଙ୍କ ନାଁରେ ମାମଲା

ବାରିପଦା ଅଫିସ,୧୦।୧୨

ବାରିପଦା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ ଦୁର୍ବ୍ୟବହାର କରିବା ଏବଂ ଅଧିକାରୀଙ୍କ ବିନା ଅନୁମତିରେ ଖବର ସଂଗ୍ରହ ପୂର୍ବକ ଧମକଚମକ ଦେବା ଘଟଣାକୁ ନେଇ ଟାଉନ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଖବରଦାତା ସୁବ୍ରତ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିରୋଧରେ ଏକ ମାମଲା(ନଂ.୮୭୮/୨୦) ରୁଜୁ କରିଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କ ଅଭିଯୋଗକୁ ଭିତ୍ତି କରି ଖବରଦାତା ସୁବ୍ରତ ଓ ତାଙ୍କର ୩ ସହଯୋଗୀଙ୍କ ନାମରେ ଅନ୍ୟ ଏକ ମାମଲା (ନଂ.୮୭୯/୨୦) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ୪ଜଣ ଖବରଦାତା କୋଭିଡ୍ ନିୟମ ଉଲ୍ଲଂଘନ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହାକୁ ନେଇ ଅଧିକାରୀ ଜଣକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ସେହିପରି ଅଧିକାରୀ ଦାସଙ୍କୁ ଖବରଦାତାମାନେ ଅଫିସରେ ପଶି ଭିଡିଓ ରେକର୍ଡିଂ କରିବା ସହ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ ନେଇ ଖବରଦାତାମାନେ ଏକଜୁଟ ହୋଇ ଘଟଣା ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଦୁଇ ଦିନ ମଧ୍ୟରେ ପରବର୍ତ୍ତୀ ସିଦ୍ଧାନ୍ତ ଗ୍ରହଣ କରାଯିବ ବୋଲି ଖବରଦାତାମାନେ କହିଛନ୍ତି।

# ୫ମାସ ପରେ ବି ମିଳୁନି ଆୟ ପ୍ରମାଣପତ୍ର

ଚମ୍ପୁଆ, ୧୦।୧୨(ଡି.ଏନ.ଏ)

ଆବେଦନର ପାଞ୍ଚ ମାସ ପରେବି ମିଳିଲା ନାହିଁ ଇନକମ ପ୍ରମାଣ ପତ୍ର। ଏଭଳି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ତହସିଲ କାର୍ଯ୍ୟାଳୟରେ। ଆବେଦନକାରୀ ଏହି ପ୍ରମାଣପତ୍ର ପାଇଁ ଜନସେବା କେନ୍ଦ୍ରକୁ ଦୌଡି ଦୌଡ଼ି ନୟାନ୍ତ ହେଉଥିଲେ ମଧ କେଉଁଥି ପାଇଁ ଏହା ଅଟକି ରହିଛି ତାହା ଜାଣିବା କଷ୍ଟକର ହୋଇପଡିଛି। ଏନେଇ ଚମ୍ପୁଆ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସମସ୍ୟାର ସମାଧାନ ହୋଇଥିଲେ ହେଁ ଅନେକ ଏହି ପ୍ରମାଣ ପତ୍ର ପାଇ ନାହାନ୍ତି। ସୂଚନା ଅନୁସାରେ ଚଳିତ ବର୍ଷ ଯୁକ୍ତ ୨ରେ ନାମ ଲେଖା ସମୟରେ ଜାତି, ବାସସ୍ଥାନ ଓ ପିତାଙ୍କ ଆୟ ପ୍ରମାଣ ପତ୍ରର ଆବଶ୍ୟକ ରହିଥିବା ବେଳେ ଆଡମିଶନ କରିଥିବା ଛାତ୍ରୀଛାତ୍ରମାନେ ଆବେଦନ ରଶିଦ ସହିତ ଏକ ଅଣ୍ଡଟେକିଂ ଦେଇଥିଲେ। ମାତ୍ର ବର୍ତ୍ତମାନ ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ପାଇଁ ବ୍ୟବସ୍ଥା କରିଥିବାବେଳେ ଉପରୋକ୍ତ ପ୍ରମାଣପତ୍ର ଏକପ୍ରକାର ବାଧ୍ୟତାମୂଳକ ହୋଇଥିବା ଜଣାଯାଇଛି। ହେଲେ ଅଗଷ୍ଟ ମାସରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ବର୍ତ୍ତମାନ ସୁଦ୍ଧା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ଅଛନ୍ତି। ଏ ନେଇ ତହସିଲ ଦାର ଚାରୁଲତା ସିଂଙ୍କୁ ପଚାରିବାରୁ କିଛି ପ୍ରମାଣପତ୍ର ପେଣ୍ଡିଙ୍ଗ ରହିଯାଇଛି ତାହା ତୁରନ୍ତ ସମାଧାନ କରାଯାଇ ସେବା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# କଇଥଗଡ଼ିଆରେ ଧାନ, ଘର ନଷ୍ଟ କଲେ ହାତୀ



ହାତୀ ବଣସାହିରେ ଘର ଓ ଧାନଗଦା ନଷ୍ଟ କରି ପକାଇଛି।

ଖଇରା, ୧୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ବନବିଭାଗ ଅଧୀନ କଇଥଗଡିଆ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଦନ୍ତାହାତୀ ଉପଦ୍ରବ ଯୋଗୁ ଗ୍ରାମବାସୀ କ୍ଷତିଗ୍ରସ୍ତ ହେବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ୪ଦିନରୁ ଊର୍ଦ୍ଧ୍ୱ ହେବ ଉକ୍ତ ହାତୀ କଇଥଗଡିଆ ବଣସାହିକୁ ଆସି ମଙ୍ଗଳ ନାଇକି, କବୀର ସିଂଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀଙ୍କ ଘର ଭାଙ୍ଗିବା ସହ ଖଳାରେ ଥିବା ଧାନ ନଷ୍ଟ କରିଛନ୍ତି। ରେଞ୍ଜର ବବିତା ସୋରେନଙ୍କ ନିର୍ଦ୍ଦେଶକ୍ରମେ ଗାର୍ଡ ଡାଳିମ୍ବ ବେହେରା ଓ ସବୁଜବାହିନୀ ସଦସ୍ୟଙ୍କ ଦ୍ୱାରା ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ମୟୂରଭଞ୍ଜ ରାମକୁଣ୍ଡା ଅଞ୍ଚଳରେ ଏକ ହାତୀ ଶାବକକୁ ସୁରକ୍ଷା ଦେବାକୁ କେତେକ ହାତୀ ଘେରି ରହିଥିଲେ। ସେହି ହାତୀ ମଧ୍ୟରୁ ଏକ ଦନ୍ତା ହାତୀ ଗ୍ରାମକୁ ପଶି ଉତ୍ପାତ କରୁଥିବା ଗ୍ରାମବାସୀ କହିଛନ୍ତି।

# ୧.୧୩ ଲକ୍ଷ ହେକ୍ଟର ଜମିରେ ହେବ ରବିଚାଷ

**ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ**

■ଜୈବିକ ସାର, ଖତ ବ୍ୟବହାର ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ,୧୦।୧୨

ବାଲେଶ୍ୱର ସହରସ୍ଥିତ ସଦ୍‌ଭାବନା ସଭାଗୃହରେ ୨୦୨୦-୨୧ ବର୍ଷ ରବି ଫସଲ ଲାଗି ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଲେଙ୍କା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁନୀଲ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ୨୦୨୦ ଖରିଫ ଋତୁର ଲକ୍ଷ୍ୟ ହାସଲ ଏବଂ ୨୦୨୦-୨୧ ରବି ଋତୁ ପାଇଁ ବିଭିନ୍ନ ଫସଲ, ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ।

ଏଥର ଜିଲାରେ ପ୍ରତି ହେକ୍ଟର ପିଛା ୧୬୪ କି.ଗ୍ରା. ସାର ବ୍ୟବହାର ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ରାସାୟନିକ ସାର ପ୍ରୟୋଗକୁ ଯଥାସମ୍ଭବ କମ୍ କରି ଅଧିକରୁ ଅଧିକ ଜୈବିକ ସାର ଓ ଖତ ବ୍ୟବହାର ପାଇଁ ବୈଠକରେ ଜୋର୍ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଧାନ ଚାଷ ପରିବର୍ତ୍ତେ ମାଟି ପ୍ରକାର ଅନୁଯାୟୀ ଡାଲି ଓ ତୈଳବୀଜ ଚାଷ କରିବା, ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା, ଜଳନିଧି ଯୋଜନାରେ ଜଳସେଚନ ବ୍ୟବସ୍ଥା ଓ ପାଣିର ଉପଯୁକ୍ତ ବ୍ୟବହାର କରିବା ଉପରେ ମତପ୍ରକାଶ ପାଇଥିଲା। ପରମ୍ପରାଗତ କୃଷି ବିକାଶ ଯୋଜନାରେ ନୀଳଗିରି ବ୍ଲକର ୫ଶହ ହେକ୍ଟର ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦିଆଯିବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଯୋଜନାରେ ଯେଉଁ ଚାଷୀମାନେ କୃଷି ଯନ୍ତ୍ରପାତିକୁ ଅଭିନବ ଉପାୟରେ ବ୍ୟବହାର କରି ଉତ୍ପାଦନ ବଢ଼ାଇପାରିଛନ୍ତି ସେମାନଙ୍କୁ ସମ୍ମାନିତ କରିବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା, କୃଷକମାନଙ୍କୁ ଠିକ୍ ସମୟରେ ଋଣ ଓ ସବସିଡି ସହିତ ସୁଲଭ ମୂଲ୍ୟରେ ସାର, କୀଟନାଶକ ଓ ବିହନ ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କାଳିଆ ଯୋଜନା, ବଳରାମ ଯୋଜନା ଆଦି କାର୍ଯ୍ୟକାରୀ କରିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଚଳିତ ରବିଋତୁରେ ଜିଲାର ୨୪ହଜାର ୪ଶହ ହେକ୍ଟର ଜମିରେ ଧାନ ଚାଷ ଏବଂ ୮୮ହଜାର ୬ଶହ ହେକ୍ଟର ଜମିରେ ଅଣଧାନ ଫସଲ ଯଥା ଗହମ, ମକା, ଡାଲି ଓ ତୈଳ ଜାତୀୟ, ଝୋଟ, ଆଖୁ, ମସଲା ଓ ପନିପରିବା ଆଦି ମୋଟ୍ ୧ଲକ୍ଷ ୧୩ହଜାର ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଉଦ୍ୟାନକୃଷି ବିଭାଗ ତରଫରୁ କଦଳୀ, ଅମୃତଭଣ୍ଡା, ଶଙ୍କରଜାତୀୟ (ହାଇବ୍ରିଡ଼) ପନିପରିବା, ଛତୁ, ଗେଣ୍ଡୁ ଫୁଲ ଆଦି ଚାଷ କରାଯିବା ଯୋଜନା ଥିବା ସୂଚନା ଦିଆଯାଇଥିଲା। ବୈଠକରେ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ।

